To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଆଉ ଏକ ପଦକ ଜିଣିବାର ଆଶ ଦେଖାଇଲେ ଦୂତୀ ।

R.N.I. No.-42041/83 Vol-16, Issue No.63, ଭଦ୍ରକ, ବୁଧବାର, ୨୯, ଅଗଷ୍ଟ ୨୦୧୮ ■ Bhadrak, Wednesday, 29 August 2018 Rs. 2.00 Pages-8

ସରକାରଙ୍କ ସତର୍କ ଘଣ୍ଟି

ଆସୁଛି ବନ୍ୟା

ହୀରାକୁଦ୍‌ର ୨୫ଟି ଗେଟ୍ ଖୋଲିଲା

- ନରାଜ ଠାରେ ମହାନଦୀରେ ବିପଦ ସଙ୍କେତ
- ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୮ (ସକାଳ ଖବର): ମଙ୍ଗଳବାର ସଂଧ୍ୟା ୬ଟା ସୁଦ୍ଧା ହୀରାକୁଦ ଡ୍ୟାମର ୨୫ଟି ଗେଟ୍ ଖୋଲାଯାଇଯାଇଛି। ଡ୍ୟାମ ମଧ୍ୟକୁ ୨ ଲକ୍ଷ ୪୩ ହଜାର ୪୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୪ଲକ୍ଷ ୮ ହଜାର୯୦୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୭୯ ଫୁଟ ରହିଛି। ମୁଣ୍ଡଳୀରେ ୫ ଲକ୍ଷ ୬୯ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଇରମାଳ ଠାରେ ୪ ଲକ୍ଷ ୭୨ ହଜାର , ବରମୂଳରେ ୫ଲକ୍ଷ ୫୨ ହଜାର କ୍ୟୁସେକ୍ ପାଣି ପ୍ରବାହିତ ହେଉଛି ବୋଲି ହୀରାକୁଦ ଡ୍ୟାମ୍ ପକ୍ଷରୁ କୁହାଯାଇଛି। ନରାଜ ଠାରେ ମହାନଦୀରେ ବିପଦ ସଂକେତ ୨୬.୪୧ ମିଟର ଥିବା ବେଳେ ସଂଧ୍ୟା ୬ ଟା ସୁଦ୍ଧା ଜଳସ୍ତର ୨୫.୫୨ ଫୁଟ୍ ରେ ପହଂଚିଛି। ସେହିପରି ଜାମଶୋଳାଘାଟ ଠାରେ ବିପଦ ସଂକେତ ୪୯.୧୫ ମିଟର ଥିବା ବେଳେ ବର୍ତ୍ତମାନ ୪୬ ମିଟର ରହିଛି। ହୀରାକୁଦରେ ଏତେ ସଂଖ୍ୟକ ଗେଟ୍ ଖୋଲାଯିବା ଫଳରେ ମହାନଦୀ ଅବବାହିକାରେ ଥିବା ଜିଲ୍ଲାମାନଙ୍କରେ ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାପାଇଁ କୁହାଯାଇଛି। ଏହା ବ୍ୟତୀତ ଏନଡିଆରଏଫ , ଓଡ୍ରାଫ ଏବଂ ଅଗ୍ନିଶମକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ତଳିଆ ଅଂଚଳ ଲୋକମାନଙ୍କୁ ଅନ୍ୟତ୍ର ତୁରନ୍ତ ସ୍ଥାନାନ୍ତର କରିବାକୁ କୁହାଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ ପ୍ରକାଶ କରିଛନ୍ତି। ହୀରାକୁଦରୁ ପାଣି ଛଡ଼ାଯିବା ଦ୍ୱାରା ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ, ଯାଜପୁର ଓ ଖୋର୍ଦ୍ଧା ଜିଲ୍ଲାରେ ବନ୍ୟା ଆଶଙ୍କା ଅଛି। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଜିଲ୍ଲାର ତଳିଆ ଅଂଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ଆଜି ସଂଧ୍ୟା ସୁଦ୍ଧା ମୁଣ୍ଡଳୀ ଦେଇ ୬ ଲକ୍ଷ ଘନଫୁଟ ପାଣି ପ୍ରବାହିତ ହେବ ଏବଂ ୩୦ ସୁଦ୍ଧା ଏହା ୮ ଲକ୍ଷ ଘନଫୁଟରେ ପହଂଚିବ। ବର୍ଷା ଯୋଗୁଁ ସୋନପୁର-ରେଢ଼ାଖୋଲ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ବୌଦ ଓ ଆଠମଲ୍ଲିକରେ ଗାଡି ଚଳାଚଳ ବନ୍ଦ ରହିଛି। ସେହିପରି ସୁବର୍ଣ୍ଣପୁର ବାଉରି ଜୋର ପୋଲ ଉପରେ ୧୪ ଫୁଟର ପାଣି ପ୍ରବାହିତ ହେଉଛି ବୋଲି ସେ କହିଛନ୍ତି।

ଦିଦିଙ୍କ ଦାଦାଗିରିକୁ ଜବାବ

ଫଳକ ହଟାଇଲା ଓଡ଼ିଶା ପ୍ରଶାସନ

- ☞ ଓଡ଼ିଶା-ପଶ୍ଚିମବଙ୍ଗ ମୁହାଁମୁହିଁ
- ☞ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି

ଭୁବନେଶ୍ୱର,୨୮।୮ (ସକାଳ ଖବର): କଥାରେ ଅଛି ଚୋରି ଉପରେ ସିନାଚୋରି । ଏହି ଉକ୍ତିଟି ଏବେ ପଶ୍ଚିମବଙ୍ଗ ପାଇଁ ଯଥାର୍ଥ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରଥମେ ଓଡ଼ିଶା ସୀମା ଦଖଲ ଓ ପରେ ଓଡ଼ିଶା ସରକାର କାର୍ଯ୍ୟାନୁଷ୍ଠାନ ନେବା ପରେ ଚିହିଁକି ଉଠିବା ଓ ଉତ୍ତେଜନାମୂଳକ ସ୍ଥିତି ଉପୁଜାଇବାକୁ ନେଇ ନିଜର ଔଦ୍ଧତ୍ୟ ଦେଖାଉଛି ପଶ୍ଚିମବଙ୍ଗ । ଓଡ଼ିଶା ସୀମା ଭିତରକୁ ଧିରେ ଧିରେ ମାଡ଼ିଆସୁଛି ପଶ୍ଚିମବଙ୍ଗ ! ଓଡ଼ିଶା ସୀମାରେ ଏଭଳି ଆତଙ୍କ ଦେଖାଦେଇଛି । ସୀମା ବିବାଦକୁ ନେଇ ଓଡିଶା ଓ ପଶ୍ଚିମବଙ୍ଗ ମୁହାଁମୁହିଁ ହୋଇଛନ୍ତି। ଓଡିଶା ସୀମାନ୍ତରେ ଥିବା ଦୀଘା ଓ ଉଦୟପୁରର ୨୦ ଫୁଟ୍ ଭିତରକୁ ପଶ୍ଚିମଙ୍ଗର ଫଳକ ଲଗାଯାଇଛି। ଏସମ୍ପର୍କରେ ରାଜସ୍ୱ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ଜଣାଇ ଦିଆଯାଇଥିଲେ ମଧ୍ୟ ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱରରେ ଥିବା ଓଡ଼ିଶା-ପଶ୍ଚିବବଙ୍ଗ ସୀମାରେ ପଶ୍ଚିମବଙ୍ଗ ସରକାର ନିଜର ଫଳକ ଲଗାଇ ସୃଷ୍ଟି କରିଥିବା ବିବାଦ ବିରୋଧରେ ଆଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଓଡ଼ିଶା ସୀମାରେ ଲଗାଯାଇବା ପଶ୍ଚିମବଙ୍ଗ ସରକାରୀ ଫଳକକୁ ଓଡ଼ିଶା ପ୍ରଶାସନ ହଟାଇଛି । ଫଳରେ ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଛି । **(ପୃଷ୍ଠା-୭)**

ଉତ୍ତର ଓଡ଼ିଶାରେ ଭୂକମ୍ପର ଝଟକା

ଭୁବନେଶ୍ୱର, ୨୮।୮ (ସକାଳ ଖବର): ଉତ୍ତର ଓଡ଼ିଶାର ବିଭିନ୍ନ ଜାଗାରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି । ମଙ୍ଗଳବାର ସଂଧ୍ୟା ୬ଟା ୩୩ ମିନିଟରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ନୀଳଗିରି, ମୟୂରଭଞ୍ଜ ଜିଲ୍ଲାର ବାରିପଦା,ବେତନଟୀ ଓ ବଡସାହୀ ଓ କେନ୍ଦୁଝର ଜିଲ୍ଲାର ଆନନ୍ଦପୁରରେ ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି । ପାଣିପାଗ ବିଭାଗ ମଧ ଭୂକମ୍ପ ହୋଇଥିବା ନେଇ ସ୍ପଷ୍ଟ କରିଛି । ପଶ୍ଚିମବଙ୍ଗ ହୁଗୁଳି ଭୂକମ୍ପର କେନ୍ଦ୍ରସ୍ଥଳ ହୋଇଥିବା ଭୁବନେଶ୍ୱର ପାଣିପାଗ ବିଭାଗ ସୂଚନା ଦେଇଛି । ଯାହାର ପ୍ରଭାବ ଉତ୍ତର ଓଡିଶାରେ ପଡିଥିଲା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ଥିଲା ୫.୦ । ତେବେ ଭୂକମ୍ପ ପରେ ଭୟରେ ଲୋକମାନେ ଘରୁ ବାହାରି ଆସିଥିଲେ । ଏବେ ବି ଲୋକମାନେ ଭୂକମ୍ପକୁ ନେଇ ଆତଙ୍କିତ ଅବସ୍ଥାରେ ଥିବା ଦେଖାଯାଇଛି । ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇନଥିବା ସୂଚନା ମିଳିଛି ।

ଭୁଲ ଇଞ୍ଜେକ୍ସନରୁ ମହିଳା ମୃତ

ନିଜ ତଣ୍ଟି କାଟିଲେ ଡାକ୍ତର

ବରଗଡ଼,୨୮।୮ (ସକାଳ ଖବର): ରାଜ୍ୟର ବିଭିନ୍ନ ମେଡିକାଲରେ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା କିମ୍ବା ଭୁଲ ଚିକିତ୍ସା ଯୋଗୁଁ ରୋଗୀ ମୃତ୍ୟୁବରଣ କରୁଥିବା ଘଟଣା ବାରମ୍ବାର ସାମ୍ନାକୁ ଆସୁଛି । କିନ୍ତୁ ନିଜର ଭୁଲ ଚିକତ୍ସାକୁ ହୃଦୟଙ୍ଗମ କରି ଜଣେ ଡାକ୍ତର ନିଜକୁ ଦଣ୍ଡ ଦେବା ଘଟଣା ପ୍ରଥମଥର ପାଇଁ ଘଟିଛି । ଭୁଲ ଚିକିତ୍ସା ଯୋଗୁଁ ଜଣେ ରୋଗୀଙ୍କ ମୃତ୍ୟୁ ପରେ ଚିକିତ୍ସା କରୁଥିବା ଡାକ୍ତର ନିଜ ତଣ୍ଟି କାଟି ଦେଇଥିବା ଜଣାପଡ଼ିଛି । ଘଟଣାଟି ଘଟିଛି ବରଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ବନବାସପାଲିରେ । ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ବନବାସପାଲି ଗ୍ରାମର ସାହେବ ସାହୁଙ୍କ ପତ୍ନୀ ଲବଙ୍ଗ ସାହୁ(୩୫)ର ଦାନ୍ତ ଯନ୍ତ୍ରଣା ହେଉଥିଲା । ସେ ଡାକ୍ତର ସୁବୋଧ ସାହୁ କ୍ଲିନିକ୍‌ରେ ଚିକିତ୍ସିତ ହେଉଥିଲେ । ଡାକ୍ତର ଲବଙ୍ଗଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ । ପରେ ମହିଳା ଜଣକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । । ଡାକ୍ତରଙ୍କ ଭୁଲ ଇଞ୍ଜେକସନ୍ ଯୋଗୁଁ ଲବଙ୍ଗଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଥିଲେ । ତାଙ୍କ ପରିବାର ବର୍ଗ ଓ କିଛି ଗ୍ରାମବାସୀ କ୍ଲିନିକକୁ ଯାଇଥିବା ବେଳେ ଡାକ୍ତର ସୁବୋଧ ହଠାତ ଏକ ଧାରୁଆ ଛୁରୀରେ ନିଜ ଗଳାକୁ କାଟି ଦେଇଛନ୍ତି । ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବରଗଡ଼ ମୁଖ୍ୟ ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

ଚନ୍ଦ୍ରରେ ପହଞ୍ଚିବ ଭାରତ

ଚନ୍ଦ୍ରରେ ପାଦ ଦେଉଥିବା ଚତୁର୍ଥ ଦେଶ ହେବ ଭାରତ

ନୂଆଦିଲ୍ଲୀ,୨୮।୮ :ମହାକାଶରେ ଇତିହାସ ରଚିବ ଭାରତ । ଭାରତ ଚନ୍ଦ୍ରରେ ପହଁଚିବା ପ୍ରତିଯୋଗିତାରେ ଚତୁର୍ଥ ଦେଶ ଭାବେ ଗଣା ହେବ । କାରଣ ସବୁଠାରୁ ପ୍ରତିକ୍ଷୀତ ଚନ୍ଦ୍ରାୟାନ-୨ର ଲଞ୍ଚ ନେଇ ତାରିଖ ଧାର୍ଯ୍ୟ କରାଯାଇଛି । ଏହି ମିଶନକୁ ଭାରତୀୟ ଅନ୍ତରୀକ୍ଷ ଏଜେନ୍ସି ଇସ୍ରୋ ପ୍ରଥମଥର ପାଇଁ ଦକ୍ଷୀଣ ଧ୍ରୁବରେ ଉତକ୍ଷେପଣ କରିବା ପାଇଁ ପ୍ରୟାସ କରିବ । ଭାରତର ଚନ୍ଦ୍ରାୟାନ-୧ ପ୍ରଥମଥର ପାଇଁ ଚନ୍ଦ୍ରରେ ଜଳର ସନ୍ଧାନ କରିଥିଲା । ଚନ୍ଦ୍ରାୟାନ-୨ ଏହି ଅଭିଯାନର ବିସ୍ତାର କରିବ । ଆଗାମୀ ବର୍ଷ ଜାନୁଆରୀରେ ଏହାକୁ ଲଞ୍ଚ୍ କରିବା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏହା ସହ ୧୯ ସ୍ପେସ୍ ମିଶନକୁ ୨୦୧୯ ମାର୍ଚ୍ଚରେ ଲଞ୍ଚ୍ କରାଯିବ ବୋଲି ଇସ୍ରୋ କହିଛି । ସୂଚନାନୁସାରେ, ବର୍ତ୍ତମାନ ସୁଧା ଆମେରିକା, ରୁଷ, ଚୀନ ଚନ୍ଦ୍ରରେ ନିଜ ଉପସ୍ଥିତି ଜାହିର କରି ପାରିଛନ୍ତି । ଏବେ ଏହି ରେସରେ ସାମିଲ ହୋଇଛି ଭାରତ । ଏହି ମିଶନ ପାଇଁ ଭାରତ ନିଜର ସବୁଠାରୁ ଭାରୀ ରକେଟ୍ ବାହୁବଳୀକୁ ବ୍ୟବହାର କରିବ । ଏହା ହେଉଛି ଭାରତର ଦ୍ୱିତୀୟ ଚନ୍ଦ୍ରପୃଷ୍ଠକୁ ଯାତ୍ରା । ଏହା ପୂର୍ବରୁ ଭାରତ ଚନ୍ଦ୍ରାୟାନ-୧କୁ ଲଞ୍ଚ୍ କରିଥିଲା ।

ବ୍ରହ୍ମପୁର- ସୁରତ ମଧ୍ୟରେ ପ୍ରତ୍ୟେହ ୨ଟି ଟ୍ରେନ୍ ଚଳାଚଳ ପାଇଁ ନବୀନଙ୍କ ଚିଠି

ଭୁବନେଶ୍ୱର,୨୮।୮ (ସକାଳ ଖବର): ଗୁଜୁରାଟର ସୁରତରେ କାମ କରୁଥିବା ଓଡିଆ ଲୋକଙ୍କ ପାଇଁ ବ୍ରହ୍ମପୁରରୁ ସୁରତକୁ ଦୈନିକ ୨ ଟି ଟ୍ରେନ୍ ଚାଲୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରେଳବାଇ ମନ୍ତ୍ରୀ ଶ୍ରୀ ପୀୟୁଷ ଗୋୟଲଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉକ୍ତ ଚିଠିରେ ଦର୍ଶାଇଛନ୍ତି ଯେ ସୁରତରେ ଥିବା ପୋଷାକ କାରଖାନା ଓ ହୀରା ଶିଳ୍ପରେ ବହୁ ଓଡିଆ କାମ କରୁଛନ୍ତି। ୭ ଲକ୍ଷ ଓଡିଆ ସେଠାରେ ବସବାସ କରୁଛନ୍ତି। ସେମାନଙ୍କ ପାଇଁ ବ୍ରହ୍ମପୁରରୁ ସିଧାସଳଖ ଟ୍ରେନ୍ ନାହିଁ। ବର୍ତମାନ ପୁରୀ-ଅହମଦାବାଦ୍ ଏକ୍ସପ୍ରେସ୍ ସପ୍ତାହକୁ ୪ ଦିନ ଏବଂ ପୁରୀ-ଓଖା ଓ ପୁରୀ-ଗାନ୍ଧିଧାମ ଏକ୍ସପ୍ରେସ୍ ସପ୍ତାହକୁ ଗୋଟିଏ ଦିନ ଲେଖାଏଁ ଯାତାୟତ କରୁଛି। ଯାହାକି ଯଥେଷ୍ଟ ହେଉନାହିଁ। ତେଣୁ ଯିବାଆସିବା ପାଇଁ **(ପୃଷ୍ଠା-୭)**



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।



ହୁଣ୍ଡିର ଆୟ (୨୫.୮.୧୮)
୨,୪୨,୪୧୪

ଭାରତର ଲୋକସଭା ନିର୍ବାଚନକୁ ପ୍ରଭାବିତ କରିପାରେ ଆଇଏସ୍ଆଇ

ନୂଆଦିଲ୍ଲୀ, ୨୮।୮ : ପାକିସ୍ତାନରେ ନିକଟରେ ହୋଇଥିବା ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି ଅଭିଯୋଗ ଆସିଥିଲା କି ପିଟିଆଇ ନେତା ଇମ୍ରାନ୍ ଖାନ୍‌ଙ୍କୁ ଜିତାଇବା ପାଇଁ ସେଠିକାର ସେନା ଏବଂ ଗୁଇନ୍ଦା ସଂସ୍ଥା

ଭାରତୀୟ ଗୁଇନ୍ଦା ସଂସ୍ଥା ସଜାଗ

ଆଇଏସ୍ଆଇ ଖୁବ୍ ସହଯୋଗ କରିଥିଲେ । ଏବେ ଯାହା ଜଣାପଡ଼ିଛି କି ପାକିସ୍ତାନର ଜନ ଅଧିକାର ସଂଗଠନ ଏବଂ ରାଜନୈତିକ ଦଳର କିଛି ସଂଗଠନ ନିଜର ଗୁଇନ୍ଦା ମିଶନ ପାଇଁ ଟାର୍ଗେଟ୍ ପ୍ରସ୍ତୁତ କରିଥିଲେ । ଏ ହେଉଛି ସେହି ସଂସ୍ଥା ଯିଏକି ୨୦୧୬ରେ କିଛି ଭାରତୀୟ ସେନା ଅଧିକାରୀ ଓ କିଛି ନ୍ୟାୟାଧୀଶଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା । ତେବେ ଏଭଳି ସଂସ୍ଥା ଉପରେ ନଜର ରଖିଥିବା ଭାରତୀୟ ଗୁଇନ୍ଦା ସଂସ୍ଥା ଏହାକୁ ନେଇ ସଚେତନ ହୋଇଯାଇଥିଲା । ଯଦି ୨୦୧୯ ସାଧାରଣ ନିର୍ବାଚନରେ ଆଇଏସ୍ଆଇ ଦଖଲ ଦେବାକୁ ଚେଷ୍ଟା କରେ ତେବେ ତାହାକୁ କିଭଳି ପ୍ରତିହତ କରାଯିବ ସେ ନେଇ ଏବେଠୁ ଭାରତର ଗୁଇନ୍ଦା ସଂସ୍ଥା ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା କାମ ଆରମ୍ଭ କରିଦେଇଛି । ପାକିସ୍ତାନରେ ଯେତେବେଳେ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି କରାଯାଉଥିଲା ଓ ସେଠାରେ କାମଚଳା ସରକାର ଶାସନ କରୁଥିଲେ ସେତେବେଳେ ଆଇଏସ୍ଆଇ ନିଜର କାର୍ଯ୍ୟକଳାପକୁ ବୃଦ୍ଧି କରିବା ପାଇଁ ସବୁପ୍ରକାର ଉପାୟ ଅବଲମ୍ବନ କରିଥିଲା । ଏମ୍‌ନେଷ୍ଟି ଇଣ୍ଟରନ୍ୟାସନାଲ୍ ଏବଂ ଆମେରିକାର ଏକ ମୋବାଇଲ୍ ସିକ୍ୟୁରିଟି ଫର୍ମ ଲୁକ୍ଆଉଟ୍ ବି ଏହି ବିଷୟକୁ ଉତ୍ଥାପନ କରିଛି କି ପାକିସ୍ତାନ ନାଗରିକ ଏବଂ ରାଜନୈତିକ ସଂଗଠନକୁ ପ୍ରଭାବିତ କରିବା ପାଇଁ ଆଇଏସ୍ଆଇ ନିଜର ବୁନିଆଦି ଢ଼ାଞ୍ଚାକୁ ବ୍ୟବହାର କରିଛି । ଭାରତର ଗୁଇନ୍ଦା ସଂସ୍ଥା ଏହି ବିଷୟରେ ଅଧିକ ତଥ୍ୟ ଓ ପ୍ରମାଣ ଯୋଗାଡ଼ କରିବା ପାଇଁ ଚେଷ୍ଟା ଚଳାଇଛି କାରଣ ଏଭଳି ସଂସ୍ଥା ଭାରତର ଆଗାମୀ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ସୂତ୍ରର କହିବାକଥା କି ଆଇଏସ୍ଆଇ ୨୦୧୯ରେ ଭାରତୀୟ ଲୋକସଭା ନିର୍ବାଚନରେ ବି ଆଇଏସ୍ଆଇ ହସ୍ତକ୍ଷେପ କରିବା ପାଇଁ ନିଜର ବୁନିଆଦି ଢ଼ାଞ୍ଚା ବ୍ୟବହାର କରିପାରେ । ଏଥିପାଇଁ ପାକିସ୍ତାନ ନିର୍ବାଚନ ସମୟରେ ଯେଉଁ ସୂଚନା ମିଳୁଛି ତାହା ଭାରତର ହିତ ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରେ ।

ସତ୍ୟ ସୁନ୍ଦର ତ୍ରିପାଠୀ ଜାତିସଂଘର ସହକାରୀ ମହାସଚିବ ନିଯୁକ୍ତ

ଭୁବନେଶ୍ୱର,୨୮।୮ (ସକାଳ ଖବର): ଓଡିଶାର ବିକାଶ ଓ ପରିବେଶ ବିଶେଷଜ୍ଞ ସତ୍ୟ ସୁନ୍ଦର ତ୍ରିପାଠୀ ଜାତିସଂଘର ସହକାରୀ ମହାସଚିବ ଭାବେ ନିଯୁକ୍ତି ପାଇଛନ୍ତି। ସେ ନ୍ୟୁୟର୍କଠାରେ ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ମୁଖ୍ୟ ରହିବେ। ଗତକାଲି ଜାତିସଂଘ ମହାସଚିବ ଆଂଟୋନିଓ ଗେଟ୍ରାସଙ୍କ କାର୍ଯ୍ୟାଳୟରୁ ଏ ସଂପର୍କରେ ଘୋଷଣା କରାଯାଇଛି। ତ୍ରିନିଦାଦ୍ ଓ ଟୋବାଗୋର ଇଲିଓଟ୍ ହାରିଶ ପୂର୍ବରୁ ଏହି ପଦରେ ରହିଥିଲେ। ଶ୍ରୀ ତ୍ରିପାଠୀଙ୍କୁ ମିଶାଇ ଏବେ ଜାତିସଂଘରେ ୩ ଜଣ ଭାରତୀୟ ରହିଛନ୍ତି। ଏହି ପଦୋନ୍ନତି ପାଇଁ ଶ୍ରୀ ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ତ୍ରିପାଠୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତୋକତର ଓ ଆଇନରେ ସ୍ନାତୋକତର ଡିଗ୍ରୀ ହାସଲ କରିଛନ୍ତି। ସେ ଜାତିସଂଘର ଉଚ୍ଚ ପଦବୀରେ ଅଧିଷ୍ଠିତ ତୃତୀୟ ଭାରତୀୟ ।୨୦୧୭ ମସିହାରୁ ସେ ୟୁଏନ୍‌ଇପିର ୨୦୩୦ ପାଇଁ କରାଯାଇଥିବା ସମନ୍ୱିତ ବିକାଶ ପାଇଁ ବରିଷ୍ଠ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ । ସେ ଜଣେ ବରିଷ୍ଠ ଆଇନଜୀବୀ ଓ ଅର୍ଥନୀତିଜ୍ଞ ।୧୯୯୮ ମସିହାରୁ ସେ ଜାତିସଂଘ ସହ ଜଡିତ ଅଛନ୍ତି । ଏସିଆ, ଆଫ୍ରିକା ଓ ୟୁରୋପରେ ଜାତିସଂଘର ସହାୟତାରେ ହେଉଥିବା ବିଭିନ୍ନ ପ୍ରକଳ୍ପରେ କାମ କରିଛନ୍ତି । ଆଇନ ସହ ମାନବାଧିକାର ଓ ଗଣତାନ୍ତ୍ରିକ ସରକାର ଏପରି ବିଭିନ୍ନ ପ୍ରକଳ୍ପରେ ସେ ଜାତିସଂଘ ପାଇଁ କାମ କରିଛନ୍ତି । ଏହା ବ୍ୟତୀତ ବିଭିନ୍ନ **(ପୃଷ୍ଠା-୭)**

{þæ'ÿêZÿ Üÿ†ÿ¿æ Ìxÿ¾¦ þæþàÿæ

{'ÿÉÓæÀÿæ ¯ÿæþ¨¡ÿê {œÿ†ÿæZÿ W{Àÿ `ÿ|ÿæD

LÿLÿÀÿ ÓDLÿLÿ {œÿB Bþæœÿ Zÿ sæ{Ss Lÿ{àÿ †ÿÓàÿþæ

¯ÿÀÿ ¯ÿÀÿæ ÀÿæHZÿ Ó{þ†ÿ 'ÿB SÀÿüÿ

25 {Ó{¨ºÀÿ ¾æF {þæ†ÿZÿ Üÿæ f†ÿLÿ ¨væB 'ÿAæSàÿæ

¨æ~ {WÀÿ{Àÿ 7 ¨oæß†ÿ

µÿ'ÿLÿ ÜÿæBÔÿàÿÀÿ 86 ¯ÿ¿æ ¯ÿÀÿ ¯ÿœÿ þÀÿœÿ Dû¨ÿ

¯ÿ{fxÿÀÿ 3 þxÿAæ ¨¿æ{œÿàÿ Î œÿ¾Nÿ

œÿæàÿ{Lÿæ ¨äÀÿ AœÿSÀÿ Aæàÿþœÿß þ ¨æLÿ ¨Ôæ ÿ D¨xæ †ÿ

{LÿÀÿÁÿ ¯ÿœÿæ 'ÿS†ÿZÿ ÓæÜÿ¾æ{$ þQ¿þ¦êZÿ Àÿàÿüÿ ¨æ=ÿLÿ ¯ÿf dæ†ÿ fœÿ†ÿæ 'ÿÁÿÀÿ 8àÿä sZÿæ ¨'ÿæœÿ

AæÀÿàÿê A™äLÿZÿ œÿ†ÿœÿ Lÿæ¾¿ÁÿÀÿß D'ÿWæs†ÿ

¯ÿæ{àÿÉÀÿ {þxÿLÿæàÿ Lÿ{àÿf üÿLÿêÀÿ {þæÜÿœÿ, ¯ÿàÿæèÿêÀÿ {þxÿLÿæàÿ Lÿ{àÿf µÿêþ {µÿBZÿ œÿæþ{Àÿ œÿæþ†ÿ

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ'ÿLÿ : Aþ†ÿ Lÿþæ Àÿ þàÿLÿ